# Akashvani, Sambalpur

## SAMBALPURI NEWS EVENING BULLETIN

## 1 july 2026-7.02- 7.12 pm.

---

୧- ବିକଶିତ ଭାରତ୍ - ନିଶ୍ଚିତ୍ ରୋଜ୍‌ଗାର୍ ଆଉ ଆଜୀବିକା ମିଶନ୍ ଗ୍ରାମୀଣ୍-ଭି.ବି.ଜି. ରାମ୍‌ଜୀ ଆଇନ୍ ଆଏଜ୍‌ଠାନୁ ସାରା ଦେଶେ ହେଲା ଲାଗୁ ।

୨- ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧକ୍ଷତାଥି ଭୁବ୍‌ନେଶ୍ୱର୍ ନ ହେଲା ସଚିବସ୍ତରୀୟ ବୈଠକ୍ ।

- ଝାର୍‌ସୁଗୁଡ଼ା ଜିଲ୍ଲାର୍ ୨୫ ଟା ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକାରିତା ଲାଗି ତିଆର୍ ହେଲା ରୋଡ୍‌ମେପ୍ ।

୩- ମୌସୁମୀ ବର୍ଷା ଲାଗି ଜଳବନ୍ଦୀ ଆଶଙ୍କା ଥିବାର୍‌ନୁ ସବୁ ସହରାଂଚଲ୍ ସ୍ଥାନୀୟ ସଂସ୍ଥାକେ ସତର୍କ ରହେବାର୍‌କେ ନିର୍ଦ୍ଦେଶ୍ ଦେଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ଅଣସର ପିଣ୍ଡି ନ ଜରେ ପଡ଼ିଥିବା ମାହାପୁରୁମାନ୍‌କର୍ ଚାଲିଛେ ଗୁପ୍ତ ସେବା ନୀତି ।

ଭି.ବି.ଜି. ରାମ୍‌ଜୀ ଆଇନ          ଏନ୍‌ଏସ୍‌ଡି

ବିକଶିତ ଭାରତ୍ - ନିଶ୍ଚିତ୍ ରୋଜ୍‌ଗାର୍ ଆଉ ଆଜୀବିକା ମିଶନ୍ ଗ୍ରାମୀଣ୍-ଭି.ବି.ଜି. ରାମ୍‌ଜୀ ଆଇନ୍ -୨୦୨୫ ଆଏଜ୍‌ଠାନୁ ସାରା ଦେଶେ କାର୍ଯ୍ୟକାରୀ ହେଇଛେ । କେନ୍ଦ୍ର ଗ୍ରାମୀଣ୍ ବିକାଶ୍ ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ଭି.ବି.ଜି. ରାମ୍‌ଜୀ ଆଇନ୍ ଅଧୀନ୍‌ଥି ଫି’ ଆର୍ଥିକ୍ ବଛ୍‌ରେ ଶହେ ୨୫ ଦିନର୍ ନିଶ୍ଚିତ୍ କାମ୍ ଯୁଗେଇ ଦେବାର୍ ବ୍ୟବସ୍ଥା ରହିଛେ । ଧାରିଜ୍ ସମିଆ ଭିତ୍‌ରେ କାମ୍ ନାଇଁ ଦେଲେ ଭତା ଦିଆଯିବା । ଚଲ୍‌ତି ଆର୍ଥିକ୍ ବଛ୍‌ରେ ଇ ଯୋଜ୍‌ନାର୍ କାର୍ଯ୍ୟାନ୍ୱୟନ୍ ଲାଗି ୯୫ ହଜାର୍ ୬ ଶହ ୯୨ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ଭି.ବି.ଜି. ରାମ୍‌ଜୀ ଆଇନ୍ ଆଘୋନୁ ପ୍ରଚଳିତ୍ ଥିବାର ୨୦୦୫ ମସିହାର୍ ମହତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ୍ ନିଶ୍ଚିତ କର୍ମନିଯୁକ୍ତି ଯୋଜ୍‌ନା ବଦ୍‌ଲା କାର୍ଯ୍ୟକ୍ଷମ୍ ହେଇଛେ ।

୨୦୨୫-୨୬ ଆର୍ଥିକ୍ ବଛ୍‌ରେ ୧୨ କୋଟି ୧୭ ଲାଖ୍ ଲୋକ୍ ଇ ଗ୍ରାମୀଣ୍ କର୍ମନିଯୁକ୍ତି ଯୋଜ୍‌ନାଥି ସାମିଲ୍ ଅଛନ୍ । ଇ ସମିଆ ଭିତ୍‌ରେ କର୍ମନିଯୁକ୍ତି ଦେଇକରି ଶହେ ୮୪ କୋଟି ୬୮ ଲାଖ୍ ଶ୍ରମ

ଦିବସ୍ ତିଆର୍ କରାଯାଇଛେ । ସର୍କାର୍ ଇ ବାବ୍ଦେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର୍ ଡିବିଟି ଜରିଏ ୨୭ କୋଟି ୬୭ ଲାଖ୍ ଟଙ୍କା ଦେଇଛନ୍ ।

ସର୍କାରୀ ସୂଚ୍ନା ଅନ୍ସାରେ, ୪ କୋଟି ୯୦ ଲାଖ୍ ପରିବାର୍ ୨୦୨୫-୨୬ ବଛ୍ରେ ଲାଭ୍ ପାଇଛନ୍ ।

ଇ ନୂଆଁ ଆଇନ୍‌ଥି ଗ୍ରାମୀଣ୍ ବିକାଶ୍ ଆଉ ପରିବାର୍ ମାନ୍‌କୁ ସଶକ୍ତ କର୍ବାର୍ ଆଉ ଆର୍ଥିକ୍ ସୁରକ୍ଷା ବାଗିର୍ ବିଷେ ଉଲ୍ଲେଖ୍ ରହିଛେ । ୨୦୪୭ ବିକଶିତ୍ ଭାରତ୍ ଲକ୍ଷ୍ୟକେ ନଜର୍‌ଥି ରଖିକରି ନୂଆଁ ଆଇନ୍ ଲାଗୁ କରାଯାଇଛେ ।

ବହି ଉନ୍ମୋଚନ୍- ମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ବିଧାନ୍‌ସଭା ନ ଆଏଜ୍ ବାଚସ୍ପତି ସୁରମା ପାଢ଼ୀଙ୍କର୍ ୨ ବଛର୍‌ର ନେତୃତ୍ୱ ଉପ୍‌ରେ ଆଧାରିତ୍ ୨ ଟା କଫି ଟେବୁଲ୍ ବୁକ୍ ଉନ୍ମୋଚନ୍ ହେବାର୍ ସହେତେ ଗୁଟେ ନୂଆଁ ଫିଜିଓଥେରାପି ସେଂଟର୍ ଉଦ୍‌ଘାଟିତ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇଡାର୍ ଉନ୍ମୋଚନ୍ କରିକରି କହିଛନ୍,

ଇ ବହି ଯୁଆନ୍ ପିଢ଼ି ଆଉ ଗବେଷକ୍‌ମାନ୍‌କର୍ ଲାଗି ଅମୂଲ୍ୟ ହେବା । ବିଧାନ୍‌ସଭାର୍ ଡିଜିଟାଇଜେସନ୍ ଆଉ ଐତିହାସିକ୍ ଆଇନ୍ ଲାଗି ସେ ବାଚସ୍ପତିଙ୍କୁ ପ୍ରଶଂସା କରିଛନ୍ । ନୂଆଁ ଫିଜିଓଥେରାପି ସେଂଟର୍ ଜରିଏ ବିଧାୟକ୍, ଆଘର୍ ବିଧାୟକ୍ , କର୍ମଚାରୀ ଆଉ ଖାସ୍ କରି ବୟସ୍କ ବ୍ୟକ୍ତିମାନେ ଲାଭ୍ ପାଏବେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ସର୍‌କାରୀ ଦଲ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ ଆଉ ବିଧାୟକ୍ ମାନେ ଉପସ୍ଥିତ୍ ଥିଲେ ।

ମୁଖ୍ୟ ଶାସନ୍ ସଚିବ-ସମୀକ୍ଷା ଆଇ.ଆଣ୍ଡ.ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଖାରବେଲ ଭବନ୍ ଠାନେ ଆଏଜ୍ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଡାଟା ଭିତିକ ନୀତି ନିର୍ମାଣ, କୃତ୍ରିମ ବୁଦ୍ଧିମତାର୍ ବେଭାର୍, ଆର୍ଥିକ୍ ଅଗ୍ରଗତି ଆଉ ଝାର୍‌ସୁଗୁଡ଼ା ଜିଲ୍ଲାର୍ ୨୫ ଟା ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକାରିତା ଲାଗି ରୋଡ୍‌ମେପ୍ ବାବ୍‌ଦେ ସମୀକ୍ଷା କରାଯାଇଛେ । ମହିଳା

ଉଦ୍ୟୋଗୀ ପ୍ଲାଟ୍‌ଫର୍ମ, କେଜି ନୁ ପିଜି ତକ୍ ମାହାଲିଆ ପାଠ୍‌ପଢ଼ା, ଅନ୍ନପୂର୍ଣ୍ଣା ଯୋଜ୍‌ନା ବାଗିର୍ ଯୋଜ୍‌ନା ମାନ୍‌କର୍ ସଫଲତା ଉପ୍‌ରେ ଆଲୋଚନା କର୍‌ବାର୍ ସହେତେ ବିଭାଗୀୟ କାର୍ଯ୍ୟଦକ୍ଷତା ଆଉ ସମିଆ ଭିତ୍‌ରେ କାର୍ଯ୍ୟାନ୍ୱୟନ୍ ଉପ୍‌ରେ ମୁଖ୍ୟ ଶାସନ୍ ସଚିବ ଜୋର୍ ଦେଇଥିଲେ । ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଭାଗ୍ ତର୍‌ଫୁ ଓଡ଼ିଆ ଭାଷାର ଏ.ଆଇ. ଆଧାରିତ୍ ଭଏସ୍, ବୋଟ୍ ଆଉ ଓଡ଼ିଆ ଓସିଆର୍ ଟେକ୍ନୋଲୋଜି ଉପସ୍ଥାପନ୍ କରାଯାଇଥିଲା । ଇତାର୍ ସହେତେ ଝାର୍‌ସୁଗୁଡ଼ାକେ ଗୁଟେ ସମନ୍ୱିତ୍ ବିକାଶ୍ ମୋଡ଼େଲ୍ ବନାବାର୍ ଲାଗି ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ଯା'ଆସ୍ ସୁବିଧା, ବିମାନ୍‌ବନ୍ଦର୍‌ର ସମ୍ପ୍ରସାରଣ୍, ଡିଜିଟାଲ୍ ସେବା ଆଉ ସବୁଜ ଶକ୍ତି ବାଗିର୍ ୨୫ ଟା ରଣନୈତିକ୍ କ୍ଷେତ୍ର ଉପ୍‌ରେ ଝାର୍‌ସୁଗୁଡ଼ା ଜିଲ୍ଲାପାଳ୍ ରୋଡ଼୍‌ମେପ୍ ଉପସ୍ଥାପନ୍ କରିଥିଲେ ।

ତ୍ରୁଟିଶୂନ୍ୟ ପୁସ୍ତକ ଆର୍‌ଏନ୍‌ୟୁ/ କଟକ୍

ଭୁଲ୍ ଥିବା ପଢ଼ା ବହି ମାନ୍‌କୁ ହଟେଇକରି ସର୍‌କାର୍ ନିର୍ଭୁଲ୍ ବହି ଯୁଗେଇ ଦେବେ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ସଚିବ ଏନ୍,

ଥିରୁମାଲା ନାୟକ୍ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇକରି ଶ୍ରୀ ନାୟକ୍ କହିଛନ୍, ନୂଆଁ ବହି ଆସ୍‌ବାର୍‌ତକ୍ ରାଜ୍ୟ ଶିକ୍ଷା ଗବେଷଣା ଆଉ ପ୍ରଶିକ୍ଷଣ୍ ପରିଷଦ-ଏସ୍.ସି.ଇ.ଆର.ଟି. ତର୍‌ଫୁ ଓସେପା ଜରିଏ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଦିଆଯାଇଥିବା ସଂଶୋଧିତ୍ ତଥ୍ୟକେ ନେଇକରି ପାଠ୍ ପଢ଼ାଯିବା । ଭୁଲ୍‌କେ ପୁରାପୁରି ସୁଧ୍‌ରାବାର୍ ଉତାରୁ ବହି ମିଲ୍‌ବା । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଆଉ ଅଲ୍‌ଗା ଓଡ଼ିଆ ଅଭିଧାନ୍‌କେ ନେଇକରି ବହିଥି ଥିବା ଶବ୍ଦ ଆଉ ବ୍ୟାକରଣ୍‌ଗତ ଭୁଲ୍‌କେ ତର୍ଜମା କରାଯାଉଛେ ବଲି ଗଣଶିକ୍ଷା ବିଭାଗ୍ ସଚିବ ଶ୍ରୀ ନାୟକ କହିଛନ୍ । (ଭଏସ୍ ଓଭର୍- ଏନ୍, ଥିରୁମାଲା ନାୟକ)

ନିଶାମୁକ୍ତ ଓଡ଼ିଶା ଅଭିଯାନ୍ ଆଇ.ଆଣ୍ଡ୍.ପି.ଆର୍

ନିଶା କାର୍‌ବାର୍ ବିରୋଧିଥି ଓଡ଼ିଶା ପୁଲିସ୍‌ର ଅଭିଯାନ୍‌କେ ବଡ଼ ସଫଲତା ମିଲିଛେ । ୧ ହଜାର୍ ୯ ଶହ ୧୧ କୋଟି ଟଙ୍କାର୍ ଗଞ୍ଜେଇ ଚାଷ୍ ନଷ୍ଟ୍ କରାଯାଇଥିବାର୍ ବେଲେ ୨ ହଜାର୍ ଶହେ ୬ କୋଟି ଟଙ୍କାର୍ ଗଞ୍ଜେଇ ଆଉ ୨ ଶହ ୨୫ କୋଟି

ଟଙ୍କାର୍ ଗଞ୍ଜେଇ ତେଲ୍ ଜବତ୍ ହେଇଛେ । ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ କହିଛନ୍, ଖୋବ୍ ଜଲ୍‌ଦି ୪ ଟା ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟ ଆଉ ଏଏନ୍‌ଟିଏଫ୍ ଗଠନ୍ ହେବା । ବଛରକ ଶହେ ଝନ୍ ଡଗ୍ସ ମାଫିଆଙ୍କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଜୁଲାଇ ୨୦୨୪ ନୁ ମାର୍ଚ୍ଚ ୨୦୨୬ ଭିତ୍‌ରେ ୨ ଶହ ୪୫ ଟା ମାମ୍‌ଲା ରୁଜୁ ହେବାର୍ ସହେତେ ୩ ହଜାର୍ ୫ ଶହ ୨ ଝନ୍‌କୁ ଗିରଫ୍ କରାଯାଇଛେ ବଲି ଶ୍ରୀ ଖୁରାନିଆ କହିଛନ୍ ।

ମୌସୁମୀ ବର୍ଷା ପ୍ରସ୍ତୁତି-ରାଜ୍ୟସର୍‌କାର୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ହେଉଥିବା ମୌସୁମୀ ବର୍ଷା ଲାଗି ସହରାଂଚଲ୍‌ମାନ୍‌କେ ଜଲବନ୍ଦୀ ଆଶଙ୍କା ଥିବାର୍‌ନୁ ସବୁ ସହରାଂଚଲ୍ ସ୍ଥାନୀୟ ସଂସ୍ଥା - ୟୁଏଲ୍‌ବିକେ ସତର୍କ ରହେବାର୍‌କେ ରାଜ୍ୟ ସର୍‌କାର୍ ନିର୍ଦ୍ଦେଶ୍ ଦେଇଛନ୍ । ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗ୍ ଆଉ ସବୁ ୟୁଏଲ୍‌ବି ମାନ୍‌କୁ କେନ୍‌ସି ଭିଲ୍ ବର୍ଷା ଲାଗି ହେଉଥିବା ପରିସ୍ଥିତିର୍ ମୁକାବିଲା କର୍‌ବାର୍‌କେ ପୁରାପୁରି ପ୍ରସ୍ତୁତ୍ ରହେବାର୍‌କେ

କହିଛନ୍ । ନାଗରିକ୍‌ମାନ୍‌କର୍ ସୁରକ୍ଷା ଆଉ ନିରବଚ୍ଛିନ୍ନ ସେବା ସର୍‌କାର୍‌ଙ୍କର୍ ପ୍ରାଥମିକତା ଆଏ ବଲି ମନ୍ତ୍ରୀ ଡକ୍ଟର୍ ମହାପାତ୍ର କହିଛନ୍ । ସବୁ ମହାନଗର୍ ନିଗମ୍ ପୌରପାଳିକା ଆଉ ବିଜ୍ଞପିତ୍ ଅଂଚଲ୍ ପରିଷଦ୍‌କେ ୨୪ ଘଂଟିଆ ପରିସ୍ଥିତି ନିରୀକ୍ଷଣ୍, ରାପିଡ୍ ଆକ୍ସନ୍ ଦଲ୍ ସକ୍ରିୟ ରଖିବାର୍, ପମ୍ପ ଆଉ ପାଏନ୍ କାଢ଼୍‌ବାର୍ ଉପକରଣ୍ ପ୍ରସ୍ତୁତ୍ ରଖିବାର୍‌କେ କୁହାଯାଇଛେ । ଜଳବନ୍ଦୀ ଆଉ ଡ୍ରେନେଜ୍ ସମସ୍ୟା ଲାଗି ନାଗରିକ୍ ମାନେ ସହର୍‌ସାଥୀ- ୧୯୨୯ ହେଲ୍ପଲାଇନ୍‌ଥି ଅଭିଯୋଗ୍ କରିପାର୍‌ବେ । ବିଭାଗ୍ ତର୍‌ଫୁ ଜିଲ୍ଲା ପ୍ରଶାସନ୍ ଆଉ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କର୍ ସାଙ୍ଗେ ତାଲ୍‌ମେଲ୍ ରଖିକରି ତୁର୍‌ତି ପଦକ୍ଷେପ୍ ନେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

## ଅଣସର ଘରେ ଚତୁର୍ଦ୍ଧାମୂର୍ତି

ପୁରୀ ସମ୍ବାଦଦାତା

ଦେବସ୍ନାନ ପୂନି ସର୍‌ବାର୍ ଉତ୍‌ରୁ ପୁରୀ ଶ୍ରୀମନ୍ଦିର୍ ଅଣସର ଘରେ ଚତୁର୍ଦ୍ଧାମୂର୍ତିଙ୍କର୍ ଗୁପ୍ତ ସେବା ଚାଲିଛେ । ଦଇତାପତି ସେବକ୍‌ମାନେ ଜରେ ପଡ଼ିଥିବା ମାହାପୁରୁମାନ୍‌କର୍

ଗୁପ୍ତସେବା ଆଉ ଉପଚାର୍‌ଥି ଲାଗିଛନ୍ । ଅଣସର ଘରେ ଥିବାର୍‌ନୁ ମାହାପୁରୁମାନ୍‌କୁ ଧୋପ୍ କପ୍‌ଡ଼ା ଆଉ ଫୁଲ୍ ଲଗାଯାଉଛେ । ଦିନ୍‌କ ୨ ଥର୍ ଖାସ୍ ପଣା- ପାଚନ ପାଏନ୍ ତିଆର୍ କରାଯାଇକରି ମହାପ୍ରଭୁଙ୍କୁ ଲାଗି କରାଯାଉଛେ । ସେଆଡ଼େ, ଜଗମୋହନ୍‌ଥି ପଟିଦିଅଁଙ୍କର୍ ପୂଜାପାଠ୍ ମୁଲ୍ ହେଇଛେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ଜାଗା ନ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କର୍ ଜାଗାଥି ମା’ ଭୁବନେଶ୍ୱରୀ ଆଉ ଶ୍ରୀବଳଭଦ୍ରଙ୍କର୍ ଜାଗାଥି ଅନନ୍ତ ବାସୁଦେବ ପଟିଦିଅଁ ରୂପ୍‌ଥି ପୂଜା ପାଉଛନ୍ ।

ଜାତୀୟ ଡାକ୍ତର ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଡାକ୍ତର୍‌ମାନ୍‌କର୍ ସମାଜ୍ ନ ଲୁକ୍‌କର୍ ଲାଗି ସେବା ଆର୍ ତ୍ୟାଗ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ପାଳନ୍ କରାଯାଉଛେ ଜାତୀୟ ଡାକ୍ତର୍ ଦିବସ୍ । ୧୯୯୧ ମସିହା ଜୁଲାଇ ୧ ତାରିଖ୍‌ନୁ ପଶ୍ଚିମବଙ୍ଗର୍ ନାଁକରା ଡାକ୍ତର୍ ଆଉ ଆଘର୍ ମୁଖ୍ୟମନ୍ତ୍ରୀ ବିଧାନ୍ ଚନ୍ଦ୍ର ରାୟଙ୍କର୍ ଜନମ୍ ଦିନ୍‌କେ ଜାତୀୟ ଡାକ୍ତରୀ ଦିବସ୍ ଭାବେ

ପାଲନ୍ କରାଯାଉଛେ । ମାସ୍କ ଭିତ୍‌ରେ ରହିକରି ନିରନ୍ତର୍ ଲୁକ୍‌କର୍ ସେବା କରୁଥିବା ଡାକ୍ତର୍‌ମାନ୍‌କର୍ ଯତନ୍ ଲାଗି ଇ ବଛର୍ ଡାକ୍ତର୍ ଦିବସ୍‌ର ବାର୍ତାଥି ଆହ୍ୱାନ୍ ଦିଆଯାଇଛେ ।

ଜାତୀୟ ଡାକ୍ତର୍ ଦିବସ୍ ଅବ୍‌ସରେ ବୁର୍ଲା ଭୀମସାର ସାମାଜିକ ପ୍ରତିଷେଧକ ବିଭାଗ୍ ମୁଖ୍ୟ ପ୍ରଫେସର୍ ଡାକ୍ତର୍ ସ୍ମିତା କୁମାରୀ ପଣ୍ଡା ଆକାଶବାଣୀକେ କହିଛନ୍...

(ଭଏସ୍ ଓଭର୍-ଡାକ୍ତର୍ ସ୍ମିତା କୁମାରୀ ପଣ୍ଡା)

ମେଟ୍ରିକ୍ ସପ୍ଲିମେଂଟାରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧମିକ୍ ଶିକ୍ଷା ପରିଷଦ ତର୍‌ଫୁ ଆଏବା କାଏଲ୍‌ଠାନୁ ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା -୨୦୨୬ ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ ମୁଲ୍ ହେବା । ଇ ପରୀକ୍ଷା ୧୦ ତାରିଖ୍‌ତକ୍ ଚାଲ୍‌ବା । ଦୁହି ପରୀକ୍ଷା ଲାଗି ମୋଟ୍ ୨୪ ହଜାର୍ ୪ ଶହ ୭୦ ଝନ୍ ପରୀକ୍ଷାର୍ଥୀ ଫର୍ମ ଭରିଥିବାର୍ ବେଲେ ୨ ଶହ ୫୧ ଟା ପରୀକ୍ଷା କେନ୍ଦ୍ର ନ ପରୀକ୍ଷା ହେବା । ପରୀକ୍ଷା ସଖାଲର୍ ୯ ବଜେନୁ ମୁଲ୍

ହେଇକରି ସାଢ଼େ ୧୧ ବଜେତକ୍ ଚାଲ୍ବା । ଖାଲି ଗଣିତ ପରୀକ୍ଷାର୍ ଲାଗି ଅଏତ୍କା ୧୫ ମିନିଟ୍ ସମିଆ ଦିଆଯିବା । ପରୀକ୍ଷା କେନ୍ଦ୍ରକେ ସ୍ୱଚ୍ଛ ଆଉ ଶୃଙ୍ଖଳିତ୍ କର୍ବାର୍ ଲାଗି ସବୁ ପରୀକ୍ଷା କେନ୍ଦ୍ର ନ ସିସିଟିଭି କେମ୍ରା ବ୍ୟବସ୍ଥା କରାଯାଇଛେ ବଲି ବୋର୍ଡ୍ ସଭାପତି ଶ୍ରୀକାନ୍ତ ତରାଇ ସୂଚ୍ନା ଦେଇଛନ୍ ।

ଆଇଆଇଏମ୍ସି ନାଁଲେଖା ଆର୍ଏନ୍ୟୁ/ ସମ୍ବଲପୁର

ଢେଙ୍କାନାଲ୍ ନ ଥିବା ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍ସି ଥି ୨୦୨୬-୨୭ ଶିକ୍ଷା ବଛର୍ ଲାଗି ନାଁଲେଖା ପ୍ରକ୍ରିୟା ଜାରି ରହିଛେ । ଆଏବା ୩ ତାରିଖ୍ ସଖାଲର୍ ୧୧ ବଜେ ପତ୍ର ସୂଚନା କାର୍ଯ୍ୟାଳୟ-ଭୁବ୍ନେଶ୍ୱର୍, ଆକାଶ୍ବାଣୀ କାର୍ଯ୍ୟାଳୟ ସମ୍ବଲ୍ପୁର୍ ଆଉ ୧୭ ତାରିଖ୍ ଆଇଆଇଏମ୍ସି ଢେଙ୍କାନାଲ୍ ପରିସର୍ ନ ସ୍ପଟ୍ ଏଡ୍ମିଶନ୍ ଆଉ ସାକ୍ଷାତ୍କାର୍ ହେବା । ଇଚ୍ଛୁକ ଛାତ୍ରଛାତ୍ରୀମାନେ ୯୯୩୭୮-୮୧୨୮୫ ନମ୍ବର୍ଥି ଯୋଗାଯୋଗ୍ କରିପାର୍ବେ ।